## କପଡ଼ା ଦୋକାନରୁ ଚୋରି

ସାରସକଣା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନସ୍ଥ ୧୮ ନଂ. ଜାତୀୟ ରାଜପଥ ବଡ଼େଛକ ବଜାରେ ଥିବା ପାୟଲ କପଡ଼ା ଦୋକାନରୁ ଚୋରି ହୋଇଛି। ଏନେଇ ଦୋକାନ ମାଲିକ ସତ୍ୟଜିତ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଶୁକ୍ରବାର ରାତିରେ ଦୁର୍ବୃତ୍ତ ଦୋକାନର କାନ୍ଥ କଣା କରି ଦୋକାନ ଭିତରେ ପଶିଥିଲେ। ସିସି କ୍ୟାମେରା ଭାଙ୍ଗିବା ସହ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର କପଡ଼ା ଓ ଡ୍ରେସ ନେଇଯାଇଛନ୍ତି। ଝାରପୋଖରିଆ ଥାନାରେ (ନଂ.୪୫/୨୩)ରେ ମାମଲା ରୁଜୁ ହୋଇଛି। ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ ପ୍ରକାଶ କରିଛନ୍ତି।

### ସଂକ୍ଷେପରେ

ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲା

## ଦୋଷୀଙ୍କୁ ୧୦ବର୍ଷ ଜେଲଦଣ୍ଡ

ବାଲେଶ୍ୱର ଅଫିସ, ୨୫।୨-ଦିବ୍ୟାଙ୍ଗ ଯବତୀଙ୍କୁ ବଳାତ୍କାର ମାମଲାର ବିଚାର କରି ଶନିବାର ବାଲେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅତିରିକ୍ତ ୧ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ୩ଟି ସନ୍ତାନର ବାପା ଚେମନ ନାୟକ ପାଟିରେ କନା ବିଣ୍ଡା ଦେଇ ନିଜ ଘର ଭିତରକୁ ଟେକି ନେଇ ଜବରଦସ୍ତ ବଳାତ୍କାର କରିବା ସହ ଡାହାଣ ଗୋଡ଼କୁ ଭାଙ୍ଗି ଦେଇଥିଲେ। ଏନେଇ ଯୁବତୀଙ୍କ ବାପା ଗତ ୨୦୨୦ ମେ' ୧୯ ତାରିଖରେ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ନୀଳଗିରି ଥାନାରେ ମାମଲା (ନଂ. ୧୬୨/୨୦) ରୁଜୁ କରାଯାଇଥିଲା। ୧୪ ସାକ୍ଷ୍ୟ ଓ ୧୫ ଦସ୍ତାବିଜ୍‌କୁ ବିଚାର କରି ଆଡ଼ହକ ଅତିରିକ୍ତ ଜିଲା ଦୌରାଜଜ୍ ବାଲେଶ୍ୱର ମିହିର କୁମାର ପରିଡ଼ା ଅଭିଯୁକ୍ତ ଚେମନ ନାୟକଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଦୀପକ କୁମାର ଦାଶ ମାମଲାର ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଆଜି

ନୀଳଗିରି, ୨୫।୨(ସ୍ୱ.ପ୍ର.)-ତୃତୀୟ ଥର ପାଇଁ ନୀଳଗିରି ସ୍ୱର୍ଣ୍ଣଚୂଡ଼ ଫୁଟବଲ ଆସୋସିଏଶନ ପକ୍ଷରୁ ୨୬ତାରିଖରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିନିମନ୍ତେ ଶୁକ୍ରବାର ଏହାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ନୀଳଗିରି ଥାନା ପଡ଼ିଆ ମଧରେ ଅନୁଷ୍ଠିତ ହୋଇଯାଇଛି।ବୁଦ୍ଧଦେବ ସରକାରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ବାହାରୁ ଆସୁଥିବା ଖେଳାଳିମାନଙ୍କର ରହଣି, ଖାଇବା, ପିଇବା ବ୍ୟବସ୍ଥା, ଖେଳଦିନ ଏକ ମଶାଲ ଶୋଭାଯାତ୍ରା ପରିକ୍ରମା କରାଯିବ। ସେହିପରି ଷ୍ଟାଡ଼ିୟମ ପରିସରରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରାଯିବା ଉପରେ ଆଲୋଚନା କରାଯାଇଥିଲା। ପ୍ରବଳ ଜନସମାଗମକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଫୋର୍ସ ମୁତୟନ ପାଇଁ ଆଲୋଚନା କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଭୁବନେଶ୍ୱର, କୋଲକାତା, ଖଡ଼ଗପୁର, ମୟୂରଭଞ୍ଜ, କେନ୍ଦୁଝର, କଟକ, ରାଇରଙ୍ଗପୁର ଓ ବାଲେଶ୍ୱର ଟିମ୍ ଅଂଶଗ୍ରହଣ କରିଛନ୍ତି ବୋଲି ସଭାପତି ବୁଦ୍ଧଦେବ ସରକାର ସୂଚନା ଦେଇଛନ୍ତି। ଏହି ଚୂଡ଼ାନ୍ତ ବୈଠକରେ ଉଦୟଜ୍ୟୋତି ମହାନ୍ତି, ଶରତ ଦାସ, ସବ୍ୟସାଚୀ ମହାପାତ୍ର, ବିଜୟ ଲେଙ୍କା, ରାଜେନ୍ଦ୍ର ପାତ୍ର, କମଳାକାନ୍ତ ମୁଖୀ ଓ ବିଦ୍ୟାଧର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଯୋଡ଼ା,୨୫।୨(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବିରିକଳା ପଞ୍ଚାୟତରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ଖଣି ମଣ୍ଡଳର ଖଣି କମ୍ପାନୀ ଜେଏସ୍‌ଡବ୍ଲ୍ୟୁ ସହଯୋଗରେ ଦିଲ୍ଲୀର ପ୍ରସିଦ୍ଧ ଚକ୍ଷୁ ବିଶେଷଜ୍ଞ ଡ. ଜୟକୃଷ୍ଣ ପାଲ, ଡ. ଅଙ୍କିତ ତେଜାନ ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ଏଥିରେ ଚଷମାର ଆବଶ୍ୟକ ଥିବା ରୋଗୀଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା। ବିରିକଳା ସରପଞ୍ଚ ମୁଖ ନାଏକ, ନାଏବ ସରପଞ୍ଚ କୁନ୍ତଳା ଖିଲାର, ସମିତି ସଭ୍ୟ ଜ୍ଞାନ ରଞ୍ଜନ ଖୁଣ୍ଟିଆ, ୱାର୍ଡ ସଭ୍ୟା ଚାନ୍ଦମଣି ମୁଣ୍ଡା, ଉଦ୍ୟୋଗୀ ପୁରୁଷୋତ୍ତମ ସାହୁ, ନରେଶ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅକ୍ଷୟ ଛତ୍ରିଆ ନୂତନ ଚମ୍ପୁଆ ରେଞ୍ଜର

କେନ୍ଦୁଝର,୨୫।୨(ସ୍ୱ.ପ୍ର.): କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଚମ୍ପୁଆ ରେଞ୍ଜର ଭାବେ ଅକ୍ଷୟ ଛତ୍ରିଆ ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ସୁନ୍ଦରଗଡ଼ ଜିଲା ବଣାଇ ଡିଭିଜନ ତାମରା ରେଞ୍ଜରେ କାର୍ଯ୍ୟ କରୁଥିଲେ। ବହୁ ବର୍ଷ ଧରି ଚମ୍ପୁଆ ରେଞ୍ଜର ପଦବୀ ଖାଲିପଡ଼ିଥିଲା। ଜଣେ ଡେପୁଟି ରେଞ୍ଜରଙ୍କୁ ରେଞ୍ଜ ଦାୟିତ୍ୱ ଦିଆଯାଇଥିଲା। ଜଣେ ସ୍ଥାୟୀ ରେଞ୍ଜରଙ୍କୁ ନିଯୁକ୍ତି ଦେବାକୁ ବାରମ୍ବାର ଦାବି ହୋଇ ଆସୁଥିଲା। ଶନିବାର ନୂତନ ରେଞ୍ଜରଙ୍କୁ ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ଓ ବିଭାଗୀୟ କର୍ମଚାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ଏନ୍‌ଫୋର୍ସମେଣ୍ଟକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

# ପୁଣି ଚାଲିଲାଣି ମାଙ୍କଡ଼ା ଖଣି

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୨୫।୨


ଟ୍ରାକ୍ଟରରେ ମାଙ୍କଡା ବୋଝେଇ କରାଯାଉଥିବା ଦୃଶ୍ୟ।

ବାଲେଶ୍ୱର ଜିଲା ଖଇରା ତହସିଲ କୁପାରୀ ରାଜସ୍ୱ କ୍ଷେତ୍ର ଅଧୀନ ବରପଦା ଅଞ୍ଚଳରେ ମାଙ୍କଡା ଖଣିଗୁଡ଼ିକ ୨ବର୍ଷ ବନ୍ଦ ପରେ ୧ତାରିଖଠାରୁ ପୁଣି ଜୋରଦାର ଚାଲୁଛି। ସନ୍ଧ୍ୟା ପରେ ମାଙ୍କଡା ପଥର ଚୋରାଚାଲଣକାରୀମାନେ ସକ୍ରିୟ ହୋଇ ପଡୁଛନ୍ତି । ଶହ ଶହ ସଂଖ୍ୟାର ମାଙ୍କଡା ବୋଝେଇ ଗାଡି ସୋର–କୁପାରୀ, ରାଣୀତାଲ–କୁପାରୀ, ଆଗରପଡା–କୁପାରୀ ଓ ରାମପୁର କେନାଲ ବନ୍ଦ ରାସ୍ତା ଦେଇ ବାହାରକୁ ଯାତାୟାତ କରୁଛନ୍ତି । ୨୪ଦିନ ମଧ୍ୟରେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିବା ନେଇ ବରପଦା, କୁପାରୀ, ବାଉଁଶଗଡିଆ, କଳମଚୁଆ ଆଦି ଗ୍ରାମର ଅଧିବାସୀ ଅଭିଯୋଗ କରିଛନ୍ତି । ପୂର୍ବ ତହସିଲଦାରଙ୍କ ଧରପଗଡ ପରେ କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ରର ମାଙ୍କଡା ଖଣିଗୁଡ଼ିକ ବନ୍ଦ ହୋଇପଡିଥିଲା। ଏବେ ପୂର୍ବ ତହସିଲଦାରଙ୍କ ଅବସର ପରେ ଚୋରା ଚାଲଣକାରୀମାନେ ହଠାତ୍ ପୁଣି ସକ୍ରିୟ ହୋଇପଡିଛନ୍ତି। କେତେଜଣ ଖଇରା ତହସିଲ କର୍ମଚାରୀଙ୍କ ସହ ଭିତିରି ସଲାସୁତ୍ରରାରେ ବାହାର ଜିଲାକୁ ଟନ ଟନ ମାଲ ଚାଲାଣ କରୁଛନ୍ତି । ଦିନ ବେଳେ କାଁ ଭାଁ ଚାଲୁଥିବା ବେଳେ ସନ୍ଧ୍ୟା ପରେ ସାରା ରାତି ଉଜାଗର ରହି ବହୁ ପରିମାଣର ପାୱାର ଟିଲର, ଜେସିବି ଓ ଟ୍ରାକ୍ଟର ବ୍ୟବହାର କରି ମୋରମ ଲୁଟିବାରେ ଲାଗି ପଡିଛନ୍ତି । ମାଙ୍କଡା ଖୋଳୁଥିବା ବ୍ୟକ୍ତିମାନେ

### ସନ୍ଧ୍ୟା ପରେ ସକ୍ରିୟ ଚୋରାଚାଲାଣକାରୀ

ଅଧିକାରୀଙ୍କ ସମ୍ପର୍କରେ ସୂଚନା ଜଣିବା ଲାଗି ତହସିଲ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଖଣି ଅଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ଛକରେ ଲୋକ ଜଗାଇ ରଖିଥିବାରୁ ଅଧିକାରୀମାନେ ଖଣି ଅଞ୍ଚଳକୁ ଯିବା ପାଇଁ ଗାଡିରେ ବସିବା ପୂର୍ବରୁ ଚୋରାଚାଲାଣକାରୀମାନେ ସୂଚନା ପାଇ ପଥର ଉତ୍ତୋଳନ ସାମୟିକ ଭାବେ ବନ୍ଦ କରିଦେଉଛନ୍ତି । ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଖୁବ୍ ଅଳ୍ପଦିନ ମଧ୍ୟରେ କୁପାରୀ ଅଞ୍ଚଳ ଶ୍ମଶାନ ପାଲଟିବ ବୋଲି ପରିବେଶବିତ୍‌ମାନେ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରଶାନ୍ତ କୁମାର ମହାରଣାଙ୍କୁ ଯୋଗାଯୋଗ କରିବାରେ ସେ ଏବେ ବାହାରେ ଅଛନ୍ତି । ଅତିରିକ୍ତ ତହସିଲଦାରଙ୍କୁ ପଠାଇ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ୩ ସଂରକ୍ଷିତ ଜଙ୍ଗଲ ଜଳୁଛି

### ପାଟଣାରେ ଅଣାୟତ୍ତ ଜଙ୍ଗଲ ନିଆଁ

ପାଟଣା,୨୫।୨(ସ୍ୱ.ପ୍ର.)



କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ଜଙ୍ଗଲ ନିଆଁ ଅଣାୟତ୍ତ ହେଲାଣି। ପ୍ରତ୍ୟେକ ଦିନ ରେଞ୍ଜର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗୁଥିବା ଦେଖିବାକୁ ମିଳିଛି। ଏନେଇ ବନ ବିଭାଗର ଚିନ୍ତା ବଢ଼ିବାରେ ଲାଗିଥିବା ବେଳେ ଅନୁରୂପ ଶନିବାର ଖିରେଇଟାଙ୍ଗିରୀ ସେକ୍ସନ ଡଳଙ୍ଗ ସଂରକ୍ଷିତ ଶାଳ ଜଙ୍ଗଲ, ଗୋଡ଼ିପୋଖରୀ ପଟାସ ଓ ଖୁଣ୍ଟା ପଡ଼ା ଜଙ୍ଗଲରେ ନିଆଁ ଲାଗି ଅନେକ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ବନବିଭାଗ ସନ୍ଦେହ କରୁଛି। ତେବେ ଏହି ଜଙ୍ଗଲ ନିଆଁ ଏବେ ଗାଁ ଆଡ଼କୁ ମାଡ଼ି ଆସୁଥିବାରୁ ବାଉଁଶୁଳି ପାଟଣା ରାସ୍ତାରେ ଗମନାଗମନ କରୁଥିବା ଗାଡ଼ିର ଯାତ୍ରୀମାନେ ଭୟଭିତ ହେଉଛନ୍ତି। ରାସ୍ତାର ସୌନ୍ଦର୍ଯ୍ୟ କରଣ ପାଇଁ ରାସ୍ତାଦୁଇ ପାର୍ଶ୍ୱରେ ଲଗାଯାଇଥିବା ଅନେକ ଗଛ ମଧ୍ୟ ନିଆଁରେ ନଷ୍ଟ ହୋଇଯାଇଛି। ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁ ଲିଭା କାର୍ଯ୍ୟ ଜାରି ରଖିଛି। ଏନେଇ ପାଟଣା ରେଞ୍ଜର ଘାସିନାଥ ପାତ୍ର କହିଛନ୍ତି, ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଲୋକଙ୍କୁ ସଚେତନତା କରାଯାଉଛି । ତା ପରେ ବି କେତେକ ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଉଛନ୍ତି। ଆମର ଫାୟାର ସ୍କ୍ୱାଡ ଓ ଦମକଳ ବାହିନୀ ସହାୟତାରେ ନିଆଁ ଲିଭାଯାଉଛି। ଦୁର୍ବୃତ୍ତଙ୍କୁ ଗିରଫ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ନିଆଁରେ ପୋଡ଼ି ମହିଳାଙ୍କ ମୃତ୍ୟୁ

ରୂପସା,୨୫।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ କେନ୍ଦୁଡ଼ାଙ୍ଗିରି ଗ୍ରାମର ଜଣେ ମହିଳା ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଡାକ୍ତର ମାରାଣ୍ଡିଙ୍କ ସ୍ତ୍ରୀ ମିନି ମାରାଣ୍ଡି (୨୦)। ଗତ ୨୦ ତାରିଖରେ ଘରେ ରୋଷେଇ କରୁଥିବା ବେଳେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ନିଆଁରେ ପୋଡ଼ି ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ମେଡ଼ିକାଲ ନ ନେଇ ଘରେ ରଖି ଚିକିତ୍ସା କରୁଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଶୁକ୍ରବାର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ରୂପସା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୩) ରୁଜୁ ହୋଇ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି। ମୃତ ମହିଳାଙ୍କର ଜଣେ ଦୁଇ ମାସର ଶିଶୁ ପୁତ୍ର ଅଛନ୍ତି।

# 'ବିଷର ବଳୟ' ନାଟକ ମଞ୍ଚସ୍ଥ

ଭଦ୍ରକ ଅଫିସ,୨୫।୨



ଭଦ୍ରକ ନଟରାଜ ନାଟ୍ୟ ସାଂସ୍କୃତିକ ଅନୁଷ୍ଠାନର ବିଂଶତମ ବାର୍ଷିକୋତ୍ସବ ଅବସରରେ ଶହୀଦ ସ୍ମୃତି ଭବନରେ ଶନିବାର ନାଟକ 'ବିଷର ବଳୟ' ମଞ୍ଚସ୍ଥ ହୋଇଯାଇଛି। ୪ଦିନ ଧରି ୪ଟି ନାଟକ ମଞ୍ଚସ୍ଥ ହେବାକୁ ଥିବାବେଳେ ପ୍ରଥମ ଦିନରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏହି ନାଟକ ପରିବେଷଣ କରାଯାଇଛି। ବର୍ତ୍ତମାନ ସମାଜରେ ନିଶା ସେବନ କରି ଯୁବ ସମାଜ ବାଟବଣା ହେଉଥିବା ବେଳେ ଏହି ନାଟକ ମାଧ୍ୟମରେ ସେମାନଙ୍କୁ ସଚେତନ କରାଯାଇଛି। ଅନୁଷ୍ଠାନର ସଭାପତି ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ ନାଟକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି।

ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଜକିଶୋର ଆଚାରୀଙ୍କ ସଂଯୋଜନାରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ନାଟ୍ୟକାର ଡ. ନାୟକ, ଚଳଚ୍ଚିତ୍ର ଅଭିନେତା ତଥା ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି, ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟା, ଅତିରିକ୍ତ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ ଓ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ନରେନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ। ମଞ୍ଚ ନାଟକ ଆଜିର ସମାଜରେ ବିଲୋପ ହୋଇ ଆସୁଥିବା ବେଳେ ଭଦ୍ରକରେ ପରିବେଷଣ ଲୋକଙ୍କୁ ଏଥିପ୍ରତି ଆକର୍ଷଣ କରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ନାଟ୍ୟକାର ମନୋଜ ପଟ୍ଟନାୟକ ଓ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କେନ୍ଦେଇପଶିରେ ଖୋଲିବ ନୂତନ ଲ୍ୟାମ୍ପ୍ସ

ପାଟଣା,୨୫।୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ କେନ୍ଦେଇପଶି ପଞ୍ଚାୟତ ଗୃହରେ ଶୁକ୍ରବାର କେନ୍ଦେଇପଶି ଓ ଚାକୁଣ୍ଡାପାଳ ପଞ୍ଚାୟତର ଚାଷୀମାନଙ୍କୁ ନେଇ ଏଠାରେ ଏକ ନୂତନ ଲ୍ୟାମ୍ପ୍ସ ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ଖୋଲିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ସହକାରୀ ରେଜିଷ୍ଟ୍ରାର ନିତ୍ୟାନନ୍ଦ ଦେହୁରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପାଟଣା ଲ୍ୟାମ୍ପ୍ସ ସଭାପତି ରାମଚନ୍ଦ୍ର ନାୟକ, ପରିଚାଳକ ହରମୋହନ ମହାନ୍ତ, ବିଜେଡି ନେତା ମିତ୍ରଭାନୁ ମହାନ୍ତ, ସମିତିସଭ୍ୟ ପ୍ରଦୀପ ନାୟକ, ମହିଷାମୁଣ୍ଡି ଡାଇରେକ୍ଟର ଲୋକନାଥ ନାୟକ, କାଶୀପୁର ଡାଇରେକ୍ଟର ଅର୍ଜ୍ଜୁନ ନାୟକ, ଖାଲିଆପଡାର ପ୍ରଶ୍ନ କୁମାର ନାୟକଙ୍କ ସହ ଚାକୁଣ୍ଡାପାଳ ଓ କେନ୍ଦେଇପଶି ପଞ୍ଚାୟତର ୪୫ଜଣ ପୁରୁଷ ଓ ମହିଳା ଚାଷୀ ବୈଠକରେ ଉପସ୍ଥିତ ଥିଲେ। ପର୍ଯ୍ୟାୟକ୍ରମେ ଏହି ବ୍ଲକର ମୂଷାଖରୀ, ଢୁମୁରିଆ, ଏରେଣ୍ଡେଇ ଓ ମିରିଖୋଜିଠାରେ କୃଷକଙ୍କ ସୁବିଧା ପାଇଁ ନୂତନ ଲ୍ୟାମ୍ପ୍ସ ଖୋଲିବାର ସରକାରୀ ପ୍ରସ୍ତାବ ଥିବା ଏମ୍ତି ହରମୋହନ ମହାନ୍ତ ସୂଚନା ଦେଇଛନ୍ତି।

# ପଶ୍ଚିମବଙ୍ଗ ଚାଲାଣ ବେଳେ ଗୋରୁ ବୋଝେଇ କଣ୍ଟେନର ଜବତ

ବାହାନଗା, ୨୫।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ଶେରଗଡ ଟୋଲଗେଟ୍ ନିକଟରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ବେଆଇନ ଗୋରୁ ବୋଝେଇ କଣ୍ଟେନର ଓ ଗୋରୁଗାଡିକୁ ସୁରକ୍ଷା ଦେଇ ଆସୁଥିବା ପାଇଲଟ ସ୍କର୍ପିଓକୁ ଲୋକେ ଜବତ କରି ଖନ୍ତାପଡା ପୋଲିସକୁ ହସ୍ତାନ୍ତର କରିଛନ୍ତି। ତେବେ ସେଥିରୁ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବା ବେଳେ ୬୯ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଜବତ ଗୋରୁଗୁଡ଼ିକୁ ରେମୁଣାସ୍ଥିତ ବାମପଦା ଜୟଭାରତୀ ଗୋଶାଳାରେ ରଖାଯାଇଛି। କଣ୍ଟେନର ଡ୍ରାଇଭରଙ୍କ ସମେତ ଅନ୍ୟ ୫ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୮/୨୩) ରୁଜୁ କରାଯାଇଛି।

ଶନିବାର ଭୋର ସମୟରେ ଖୋର୍ଦ୍ଧାରୁ ପଶ୍ଚିମବଙ୍ଗକୁ କଣ୍ଟେନର(ନଂ.ଓଆର ୦୧ଏମ୫୧୭୮) ଯୋଗେ ୭୦ ଗୋରୁ ଭର୍ତ୍ତି ହୋଇ ଚାଲାଣ ହେଉଥିଲା। ଖବରପାଇ ବଜରଙ୍ଗ ଦଳର କର୍ମୀ ଓ ଜନସାଧାରଣ ଶେରଗଡସ୍ଥିତ ଟୋଲ ନିକଟରେ ଗୋରୁ ବୋଝେଇ କଣ୍ଟେନରକୁ ଅଟକାଇଥିଲେ। ତାହାକୁ ଅଟକାଇବା ବେଳେ ଆଗରେ ଯାଉଥିବା ଗୋରୁ ବେପାରୀମାନଙ୍କ ପାଇଲଟ ସୁରକ୍ଷା ସ୍କର୍ପିଓରେ ଥିବା ଯୁବକମାନେ ବିରୋଧ କରିବାରୁ ଲୋକଙ୍କ ସହିତ ଗଣ୍ଡଗୋଳ ହୋଇଥିଲା। ଖବରପାଇ



■ ୧ ଗୋରୁ ମୃତ, ୬୯ ଉଦ୍ଧାର
■ ୫ ଗିରଫ

ଖନ୍ତାପଡା ଥାନା ପୋଲିସ୍ ପହଞ୍ଚି ସ୍କର୍ପିଓକୁ ଜବତ କରିବା ସହିତ ଅଟକ କଣ୍ଟେନରକୁ ଜବତ କରିଥିଲେ। ଜବତ କଣ୍ଟେନରରୁ ୭୦ଟି ଗୋରୁଙ୍କୁ ପୋଲିସ୍ ଉଦ୍ଧାର କରିଥିଲେ ମଧ୍ୟ ସେଥିମଧ୍ୟରୁ ଗୋଟିଏ ଗୋରୁର ମୃତ୍ୟୁ ହୋଇଯାଇଥିଲା। ପ୍ରତ୍ୟେକ ଦିନ ଖୋର୍ଦ୍ଧାରୁ ପଶ୍ଚିମବଙ୍ଗକୁ ଶହ ଶହ ଗୋରୁ ବେଆଇନ ଭାବେ ଚାଲାଣ ହେଉଥିଲେ ମଧ୍ୟ ପୋଲିସ୍ ବିଭାଗ ଏଥିପ୍ରତି କୌଣସି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ପିଙ୍କୁ


@ବିକାଶ


@ହିମାଂଶୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ୮୦ ହଜାର ଟଙ୍କା ଚୋରି



ନୀଳଗିରି, ୨୫।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସିର ଘାଟଘରସାହି ଗ୍ରାମର ମନୋରଞ୍ଜନ ବେହେରାଙ୍କ ଘରେ କେହି ନ ଥିବା ବେଳେ ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ୮୦ହଜାର ଟଙ୍କା ଚୋରି କରିନେଇଛନ୍ତି। ମନୋରଞ୍ଜନଙ୍କ ପରିବାର ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିବା ବେଳେ ଏହି ଘଟଣା ଘଟିଛି। ଏନେଇ ନୀଳଗିରି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ

### ପୋଲିସ୍‌ର ତଦନ୍ତ ଜାରି

ତଦନ୍ତ କରିବା ସହ ସନ୍ଧାନୀକୁକୁର ଓ ସାଇଣ୍ଟିଫିକ୍ ଟିମ୍‌କୁ ଆଣି ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛି। ସୂଚନାଥାଉ କି ମନୋରଞ୍ଜନ ବେହେରା ଭାଜପାର ପ୍ରମୁଖ କାର୍ଯ୍ୟକର୍ତ୍ତା ଅଛନ୍ତି। ଖବର ପାଇ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ଘଟଣାକୁ ଗୁରୁତ୍ୱର ସହ ନେବା ପାଇଁ ପୋଲିସକୁ ପରାମର୍ଶ ଦେଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ, ହେଲ୍‌ପର ଗୁରୁତର

ବାହାନଗା, ୨୫।୨(ଡି.ଏନ.ଏ.)
ବାହାନଗା ସଦର ମହକୁମା ବଜାରର ଏକ ଲୁହାରଡ ଦୋକାନକୁ ଆସିଥିବା ରଡ୍‌କୁ ଟ୍ରକ୍‌ରୁ ଅନଲୋଡ କରୁଥିବା ବେଳେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକ ଗୁରୁତର ହେବା ସହିତ ଟ୍ରକ୍ ଭିତରେ ବସିଥିବା ହେଲପର ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ଲାଗି ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତ ଶ୍ରମିକ ହେଲେ ପଥରପେଣ୍ଠ ଗ୍ରାମର କଟି ମଳିକ ଓ ହେଲପର୍ ହେଲେ ଉତ୍ତରପ୍ରଦେଶ ଅଞ୍ଚଳର ଲାଲୁ ଯାଦବ।

**SUMMONS FOR SETTLEMENT OF ISSUES**
Under Order V Rule 20 CPC 1908
IN THE COURT OF SENIOR CIVIL JUDGE, ROURKELA
Civil Suit No. 72 / 2015

Vijaya Bank (Now Bank of Baroda) ...Plaintiff
: Versus :
Sri Gurinder Singh Sharma and Another ...Defendants

To,
1. **Sri Gurinder Singh Sharma,** S/o- Tarlok Singh Sharma, C/o: Sharma Electricals, Power House Road, Rourkela, P.S.: Plantsite, Dist.: Sundargarh, Odisha.
2. **Sri Subrata Chatterjee,** S/o- B.K. Chotterjee, Resident of Qrs. No.- B/408, Koelnagar, Rourkela-14, P.S.: Jhirpani, Dist: Sundargarh, Odisha, vide PL No. 941366 office of Horticulture Deptt., IG Park SAIl Rourkela.

Whereas you are avoiding the process of the court to receive the summons and Whereas ***the Plaintiff*** has instituted a suit against you, you are hereby summoned to appear in this Court in person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **27th day of March 2023 at 10.30 A.M.** O' Clock in the fore noon, to answer the claim, and you are directed to produce on that day all the documents upon which you intend to rely in support of your defence.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this the **13th Day of December, 2022.**

S/d- Sr. Civil Judge
ROURKELA

## ଗୋରୁ ଚାଲାଣ ପିକ୍‌ଅପ୍ ଜବତ, ଚାଳକ ଗିରଫ

ରାଇରଙ୍ଗପୁର, (ଡି.ଏନ୍.ଏ.)-ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ କାଦୁଆଣି ଛକ ନିକଟ ୨୨୦ ନଂ. ଜାତୀୟ ରାଜପଥରେ ଶନିବାର ପାଟ୍ରୋଲିଂ ସମୟରେ ପୋଲିସ ଚଢ଼ାଉ କରି ଏକ ଗୋରୁ ବୋଝେଇ ପିକ୍‌ଅପ୍ ଗାଡ଼ି ଜବତ କରିଛି। ଏଥିସହ ଗାଡ଼ି ଚାଳକ ସେକ୍ ବୁଲ ମହାଜନଙ୍କୁ ଗିରଫ କରାଯାଇଛି। ଜବତ ଗାଡ଼ିରୁ ୮ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ପୋଲିସ ଏନେଇ ଏକ ମାମଲା(ନଂ.୪୬/୨୩) ରୁଜୁ କରି ଗିରଫ ଚାଳକଙ୍କୁ କୋର୍ଟ ଚାଲାଣ କରିବା ସହ ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### କଣ୍ଟେନରକୁ ଧକ୍କା ଦେଲା କାର୍




ବାହାନଗା, ୨୫।୨(ଡି.ଏନ.ଏ.)-୧୬ ନମ୍ବର ଜାତୀୟ ରାଜପଥର ପଣପଣାସ୍ଥିତ ଏକ ହୋଟେଲ ସାମ୍ନାରେ ଏକ କଣ୍ଟେନରକୁ ଅନ୍ୟ ଏକ କାର୍ ଧକ୍କା ଦେଇଥିଲା। ଫଳରେ ୬ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ଗୁରୁଗାଁଓରୁ କୋରିୟର ପାର୍ସଲ ନେଇ କଣ୍ଟେନର(ନଂ.ଏଚ ଆର-୫୫ଏସି-୨୦୪୧) ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ପଛପଟୁ ବାଲେଶ୍ୱରରୁ ସୋର ଅଭିମୁଖେ ଆସୁଥିବା ଏକ କାର୍ ଭାରସାମ୍ୟ ହରାଇ କଣ୍ଟେନରକୁ ଧକ୍କା ଦେଇଥିଲା। ଫଳରେ କିଛି ବାଟ ଘୋଷାଡି ନେଇ କଣ୍ଟେନର ଆଗରେ ଚାପି ହୋଇ ରହିଯାଇଥିଲା। ଗାଡ଼ିରେ ବସିଥିବା ଶେଯାଦ ବିବିଙ୍କ ପରିବାର ସାମାନ୍ୟ ଆହତ ହୋଇଥିଲେ ମଧ ଗାଡିରୁ ଓହ୍ଲାଇ ଆସିଥିଲେ। ଘଟଣାସ୍ଥଳରେ କିଛି ସମୟ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ସଙ୍ଗେ ସଙ୍ଗେ ପାଟ୍ରୋଲିଂ ପୋଲିସ ଓ ଖନ୍ତାପଡା ଥାନା ଏଏସ୍‌ଆଇ ରତିକାନ୍ତ ଦାସ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ସାମାନ୍ୟ ଆହତ ହୋଇଥିବା ପରିବାରକୁ ଅନ୍ୟ ଏକ ଗାଡ଼ିରେ ଘରକୁ ପଠାଇଦେଇଥିଲେ।

### ହୃଦ୍‌ଘାତରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ

ଢେଙ୍କିକୋଟ୍,୨୫।୨(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ମୁଦ୍ରାବେଢ଼ାଠାରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଆନ୍ଧ୍ରପ୍ରଦେଶର ଭେଙ୍କମ ସେଠୀ ଅନୀଲ କୁମାର (୪୨)। ସେ ଆନ୍ଧ୍ରରୁ ଟ୍ରକ ଯୋଗେ ମୁଦ୍ରାବେଢ଼ା ଗ୍ରାମରେ ଥିବା ପିଚୁ ପ୍ଲାଣ୍ଟ୍‌କୁ ପିଚୁ ନେଇ ଆସିଥିଲେ। ଗତ ଗୁରୁବାର ଢେଙ୍କିକୋଟ ବଜାରରୁ ଜଳଖିଆ ଖାଇଥିଲେ। ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ସହଯୋଗୀମାନେ କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଢେଙ୍କିକୋଟ ପୋଲିସ ବିଟ ହାଉସ ସବ୍‌ଇନ୍ସପେକ୍ଟର ତରଣୀ ସେନ ବାଗ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଘଟଗାଁ ଥାନା କେସ ନଂ.୧୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଙ୍କ ଘର ଲୋକ ଆସିବା ପରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ସବଇନ୍ସପେକ୍ଟର ବାଗ କହିଛନ୍ତି।

### ପୌରପାଳିକା ଉଦ୍ୟାନରେ ସ୍ଥାପନ ହେବ କବି ଦୀନକୃଷ୍ଣଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି

ଜଳେଶ୍ୱର, ୨୫।୨(ଡି.ଏନ.ଏ.)-ବହୁ କଳ୍ପନାଜଳ୍ପନା ପରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ଜଳେଶ୍ୱର ପୌରପାଳିକାର ଉଦ୍ୟାନରେ ସ୍ଥାପିତ ହେବ ବୋଲି ସୂଚନା ମିଳିଛି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଚେଷ୍ଟାରେ କବିଙ୍କ ଏକ ପୂର୍ଣ୍ଣଅବୟବ ବ୍ରୋଞ୍ଜ ମୂର୍ତ୍ତୀ ସ୍ଥାପନ ହେବ ବୋଲି ସ୍ଥିର ହୋଇଥିବା ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ତାଙ୍କ ଚିଠି ନଂ. ୧୭୭୧ ତା ୭।୨।୨୩ରେ ଜଳେଶ୍ୱର ପୌରପାଳଙ୍କୁ ଜଣାଇଛନ୍ତି।

### ଗଛରେ ପିଟିହୋଇ ବାଇକ୍ ଚାଳକ ମୃତ

ପଦ୍ମପୁର, ୨୫।୨(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କଷିଆ-ଚାନ୍ଦିମାଳ ରାସ୍ତାରେ ଶନିବାର ଗଛରେ ପିଟିହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ବଳରାମଗଡ଼ିର ତପନ ଯାନା (୩୭)। ସୂଚନା ଅନୁଯାୟୀ, ତପନ ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଧୀନ ଡିପିଓରା ଗ୍ରାମର ତାଙ୍କ ଶଶୁ ଘରକୁ ବୋଟ୍‌ରେ ମାଛ ଧରିବାକୁ ଆସିଥିଲେ। ଶୁକ୍ରବାର ରାତିରେ କଷିଆ ନିକଟରୁ ମାଛ ଧରି ବାଇକ୍‌ରେ ଚାନ୍ଦିମାଳ ଆଡ଼କୁ ଆସୁଥିବା ବେଳେ ଏକ କଣ୍ଟା ଗଛରେ ପିଟି ହୋଇଯାଇଥିଲେ। ଖବରପାଇ କଷିଆ ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ମାମଲା (ନଂ.୧୯/୨୩) ରୁଜୁ କରାଯାଇଛି।

# ବର୍ଷାଜଳ ଅମଳ ପ୍ରକଳ୍ପ ଦିଗହରା

■ଅଧା ପୋତି ହୋଇଗଲାଣି
■ବ୍ୟାପକ ଦୁର୍ନୀତି ଅଭିଯୋଗ

କେନ୍ଦୁଝର,୨୫।୨(ସ୍ୱ.ପ୍ର.)

କୋଭିଡ୍ ମହାମାରୀ ୨୦୨୦ ସମୟରେ ସହରାଞ୍ଚଳ ପ୍ରବାସୀ ଶ୍ରମିକଙ୍କ ଜୀବିକା ସୁଯୋଗ ସୁନିଶ୍ଚିତ ପାଇଁ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର (ମୁକ୍ତା) ଯୋଜନା ଆରମ୍ଭ ହୋଇଥିଲା। ଯୋଜନାରେ କେନ୍ଦୁଝର ପୌରପାଳିକାରେ ବିଭିନ୍ନ ପ୍ରକାରର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ତନ୍ମଧ୍ୟରୁ ବର୍ଷା ଜଳ ସଂରକ୍ଷଣ ପାଇଁ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟାରମ୍ଭ କରାଯାଇଥିଲା। ଯୋଜନା ଅନ୍ତର୍ଗତ ପୌରପାଳିକାରେ ହୋଇଥିବା ପ୍ରକଳ୍ପ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ନିମ୍ନମାନର କାମ ଯୋଗୁ ଅନେକ ଭାଙ୍ଗିରୁଜି ଗଲାଣି। ଦୁର୍ନୀତି ଯୋଗୁ ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରିଲାନାହିଁ ବୋଲି ସାମାଜିକ କର୍ମୀ ଦିଲ୍ଲୀପ ସାହୁ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, କ୍ୟାଚ ଦି ରେନ-୨୦୨୨ ଅଧୀନରେ ରାଜ୍ୟର ସମସ୍ତ ପୌରାଞ୍ଚଳରେ ପ୍ରାୟ ୨୦ ହଜାର ଜଳ ଅମଳ ପ୍ରକଳ୍ପ କରାଯାଇଛି। ଗୋଟିଏ ପ୍ରକଳ୍ପରେ ୨୬ ରୁ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ ହୋଇଛି। ଏଥିରେ କେନ୍ଦୁଝରଗଡ଼ ପୌରପାଳିକାର ବିଭିନ୍ନ ୱାର୍ଡରେ ୨୬୦ଟି ପ୍ରକଳ୍ପ ହୋଇଥିଲା। ନିୟମ ଅନୁଯାୟୀ, ପ୍ରକଳ୍ପରେ ୬ଟି ରିଙ୍ଗ(ନନ୍ଦ) ଲଗାଯାଇ ୧୫ଫୁଟ ଲମ୍ବ ପ୍ରକଳ୍ପ ହେବ। ଗାତ ଖୋଳି ରିଙ୍ଗ ପକାଯିବା ପରେ ପ୍ରଥମେ ୨୦ ଏମ୍‌ଏମ୍ ମେଟାଲ, ଦେଢ଼ଫୁଟ ୨୦ ଏମ୍‌ଏମ୍ ଚିପ୍ସ, ଦେଢ଼ ଫୁଟ ୧୦ ଏମ୍‌ଏମ୍ ଚିପ୍ସ ପରେ ବାକି ବାଲି ଦିଆଯିବ। ମାଟି ଉପରକୁ ଅଧା ଫୁଟ୍ ରିଙ୍ଗ ରହିବ। ଉଚ୍ଚ ଥିବା ସ୍ଥାନରେ ନ କରି ଖାଲଥିବା ସ୍ଥାନରେ ଏହି ପ୍ରକଳ୍ପ ନିର୍ମାଣ ହେବା ନିୟମ ରହିଛି। ମାତ୍ର ଏହିସବୁ ନିୟମ ପାଳନ ହୋଇ ନ ଥିବା ଅଭିଯୋଗ ହେଉଛି। ଏପରିକି ଉଚ୍ଚ ସ୍ଥାନରେ ଓ



ପୋତି ହୋଇ ପଡ଼ିଥିବା ଜଳଅମଳ ପ୍ରକଳ୍ପ।

ନିମ୍ନମାନର ପ୍ରକଳ୍ପ ନିର୍ମାଣ ହୋଇଥିବାରୁ ପାଣି ରହୁନାହିଁ। ୪ ନଂ. ୱାର୍ଡର ହୁଡକୋ କଲୋନୀରେ ଉଚ୍ଚ ସ୍ଥାନରେ ଏକାଧିକ ପ୍ରକଳ୍ପ କରାଯାଇ ବ୍ୟାପକ ଅର୍ଥ ହରିଲୁଟ୍ ହୋଇଛି। ଯୋଜନା ପାଇଁ ରାଜ୍ୟ ସରକାର ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ପୁରସ୍କୃତ ହୋଇଥିଲେ। ମାତ୍ର କେନ୍ଦୁଝରଗଡ଼ ପୌରପାଳିକା ସମେତ ଜିଲାର ଅନ୍ୟାନ୍ୟ ପୌରାଞ୍ଚଳରେ ହୋଇଥିବା କାମର ଅନୁଧ୍ୟାନ କଲେ ଏହାର ବାସ୍ତବ ଚିତ୍ର ଜଣାପଡ଼ିବ ବୋଲି ସାମାଜିକ କର୍ମୀ ସାହୁ କହିଛନ୍ତି। ଏନେଇ ଦାୟିତ୍ୱରେ ଥିବା ଅଧିକାରୀ ଦେବାଶିଷ ପଲେଇ କହିଛନ୍ତି, ବର୍ଷା ଦିନ ପୂର୍ବରୁ ସବୁ ପ୍ରକଳ୍ପଗୁଡ଼ିକର ମରାମତି ହେବ ଏବଂ କାର୍ଯ୍ୟକ୍ଷମ କରାଯିବ।

# ସୁଲଭ ଶୌଚାଳୟରୁ ଅର୍ଥ ଆଦାୟ

ବଡ଼ବିଲ,୨୫।୨(ସ୍ୱ.ପ୍ର.)

ରାଜ୍ୟ ସରକାର ସୁଲଭ ଶୌଚାଳୟ ଗୁଡ଼ିକରେ ଦେୟମୁକ୍ତ ଘୋଷଣା କରିଛନ୍ତି। ମାତ୍ର କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳରେ ଥିବା ସୁଲଭ ଶୌଚାଳୟରେ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଉଛି। ବ୍ୟବହାରକାରୀଙ୍କଠାରୁ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ରାଜ୍ୟର ସମସ୍ତ ସହରାଞ୍ଚଳରେ ଥିବା ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଶୌଚାଳୟ ବ୍ୟବହାରକୁ ଦେୟମୁକ୍ତ ଘୋଷଣା କରାଯାଇଛି। ସେଥି ନିମନ୍ତେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଚେତନତା ନିମନ୍ତେ ବ୍ୟାନର ଲଗାଯାଉଛି। ତଥାପି

### ସରକାରୀ ନିର୍ଦ୍ଦେଶ ଅବମାନନା

ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ବଡ଼ବିଲ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ସୁଲଭ ଶୌଚାଳୟରେ ବେଆଇନଭାବେ ଦେୟ ଆଦାୟ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିବାରେ ସେ କୁହନ୍ତି, ଲୋକେ ଖୁସିରେ ଦେଉଛନ୍ତି। ତେବେ ସୁଲଭ ଇଣ୍ଟରନ୍ୟାଶନାଲ ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁ ସରକାରଙ୍କ ଜନହିତକର ଯୋଜନା ଦିଗହରା ହେଉଛି। ଏ ନେଇ ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଘଟଣା ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

# ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ




ଜିଲା କାର୍ଯ୍ୟକାରିଣୀ ବୈଠକରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟ କର୍ମକର୍ତ୍ତା।

ବାଲେଶ୍ୱର ଅଫିସ, ୨୫।୨

ବାଲେଶ୍ୱର ଜିଲା ରେମୁଣା ଭାଜପା କାର୍ଯ୍ୟାଳୟରେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ମୋର୍ଚ୍ଚା ଜିଲା ସଭାପତି ମୃତ୍ୟୁଞ୍ଜୟ ଜେନା ସଭାପତିତ୍ୱ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ଜିଲାର ଆଇନଶୃଙ୍ଖଳା ପରିସ୍ଥିତି, ଦଳିତ ସମାଜ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା, ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପରିମଳ ଆଦିଉପରେ ଚିନ୍ତା ପ୍ରକଟ କରିବା ସହିତ ଭବିଷ୍ୟତରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବା ବିଷୟରେ ଆଲୋଚନା ହୋଇଥିଲା। ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଏସସି ମୋର୍ଚ୍ଚାର ରାଜ୍ୟ ସଭାପତି ଡ. ବିଭୁପ୍ରସାଦ ତରେଇ, ପୂର୍ବତନ ଏସ୍‌ସି ମୋର୍ଚ୍ଚା ରାଜ୍ୟ ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ, ଏସ୍‌ସି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାକେଶ ମଲ୍ଲିକ, ସୋର ଚେୟାରମ୍ୟାନ ମାଧବ ଧଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, କାର୍ଯ୍ୟକାରିଣୀ ରାଜ୍ୟ କୋଷାଧକ୍ଷ ଜଗନ୍ନାଥ ବେହେରା ଯୋଗଦେଇ ସାଙ୍ଗଠନିକ ବ୍ୟବସ୍ଥା ବିଷୟରେ ମତାମତ ରଖିଥିଲେ। ମୋର୍ଚ୍ଚାର ଜିଲା ସମ୍ପାଦକ କୈଳାସ ମାଝି ସଭା ପରିଚାଳନା କରିଥିବା ବେଳେ ଜିଲା ଉପସଭାପତି ଅଭିରାମ ଦାସ ଧନ୍ୟବାଦ ଦେଇଥିଲେ।

# ନିଯୁକ୍ତି ପରାମର୍ଶ ଶିବିର: ୫୪୮ ଯୁବତୀଯୁବକ ପଞ୍ଜୀକୃତ

ବେତନଟୀ, ୨୫।୨ (ଡି. ଏନ. ଏ.)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ମୟୂରଭଞ୍ଜ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବେତନଟୀ ବ୍ଲକ ଅଫିସ୍ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନର ବେତନଟୀ ବ୍ଲକ ବିଭାଗ ମୁଖ୍ୟ ଡ. ସୁଶ୍ରୀ ମଧୁଛନ୍ଦା ବେହେରାଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ହଜାର ଜଣ ବେକାର ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଚାକିରି ଏବଂ ଦକ୍ଷତା ବିକାଶ ନିମନ୍ତେ ତାଲିମ ପାଇଁ ୫୪୮ଜଣଙ୍କ ନାମ ପଞ୍ଜୀକରଣ କରାଯାଇଛି। ସେମାନେ ମାଗଣାରେ ତାଲିମ ନେବା ସହ ବେସରକାରୀ କ୍ଷେତ୍ରରେ ନିଯୁକ୍ତିର ବ୍ୟବସ୍ଥା ରହିଛି। ଏଥିନେଇ ବ୍ଲକ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା କୌଶଲ୍ୟା ମାଝି, ଉପାଧକ୍ଷ ଦେବଦତ୍ତ ତିଆଡ଼ି, ବିଡିଓ ଛବିରାଣୀ ସାହୁ, ଜିଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ, ମହମ୍ମଦ ନିୟାଜ ପ୍ରମୁଖ ଯୋଗ ଦେଇଥିଲେ।

# ୨୫ ମାର୍ଚ୍ଚରେ ଓକିଲ ସଂଘ ନିର୍ବାଚନ

ବାରିପଦା ଅଫିସ,୨୫।୨

ବାରିପଦାସ୍ଥିତ ଜିଲା ଓକିଲ ସଂଘର ଲାଇବ୍ରେରୀ କକ୍ଷରେ ଚଳିତ ବର୍ଷ ନିର୍ବାଚନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୪ରୁ ୬ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ, ୧୧ରେ ନାମ ପ୍ରକାଶନ ଓ ୨୫ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ଉକ୍ତ ଦିନ ସକାଳ ୮ଟାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ ପରେ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଓକିଲ କୃଷ୍ଣଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଚଳିତ ବର୍ଷ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ନିମନ୍ତେ ଆଲୋଚନା ହୋଇଥିଲା। ବୈଠକରେ ନିର୍ବାଚନକୁ ପରିଚାଳନା କରିବା ପାଇଁ ସଂଘର ସଦସ୍ୟ ବିଜୟ ଦାଶ, ସନ୍ତୋଷ ଓତା, ବିଭୁ ପ୍ରସାଦ ଦାସ, ସତ୍ୟବ୍ରତ ଦାଶ, ପାର୍ବତୀ ବାରିକ, କାର୍ତ୍ତିକ ଚନ୍ଦ୍ର ରାମ, ଗୌରହରି ଜେନା, ଶୁଶାନ୍ତ ବେହେରା, କୈଳାଶ ପ୍ରସାଦ ସାହୁ, ରାନୀ ଲେଙ୍କା, ସୁଶାନ୍ତ ପଣ୍ଡା, ସୁରେଇ ମାଝୀ, ସଞ୍ଜିବ ସାହୁ ଓ ପ୍ରିୟମ୍ବଦା ବେହେରାଙ୍କୁ ନିର୍ମାଚନ ପରିଚାଳନାର ସହାୟତା ନିମନ୍ତେ ଅନ୍ତର୍ଭୁକ୍ତ କରାଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପାଦନ କରିବାକୁ ଓକିଲ ସଂଘର ସମସ୍ତ ସଦସ୍ୟା ସଦସ୍ୟମାନଙ୍କ ସହଯୋଗ କାମନା କରିଛନ୍ତି।

# ‘କଲେଜର ବାର୍ଷିକ ସୃଜନପତ୍ର ଛାତ୍ରୀଛାତ୍ରଙ୍କୁ ସାହିତ୍ୟ ମନସ୍କ କରାଏ’




ଅତିଥିମାନେ ଧାମନଗର ମହାବିଦ୍ୟାଳୟର ବାର୍ଷିକ ସୃଜନପତ୍ର ଉନ୍ମୋଚନ କରୁଛନ୍ତି।

ଧାମନଗର, ୨୫।୨(ସ୍ୱ.ପ୍ର./ଡି.ଏନ.ଏ.)

କଲେଜର ବାର୍ଷିକ ସୃଜନପତ୍ର ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ସାହିତ୍ୟ ମନସ୍କ କରାଇବା ସହ ଲେଖକ ହେବା ପାଇଁ ପ୍ରେରଣା ଯୋଗାଇଥାଏ ବୋଲି ଧାମନଗର ମହାବିଦ୍ୟାଳୟର ବାର୍ଷିକ ସୃଜନପତ୍ର ‘ପ୍ରତିପଦ’ ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧକ୍ଷ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ମିଳନୀ ସାହିତ୍ୟ ସଂସଦ ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ପ୍ରଶାସକ ଓ କବି ଚିତ୍ତରଞ୍ଜନ ନାୟକ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ କମଳାକାନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ‘ପ୍ରତିପଦ’ର ମୁଖ୍ୟ ସମ୍ପାଦକ ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ ସ୍ୱାଗତ ଭାଷଣ ପ୍ରଦାନ, ସମ୍ପାଦନା ମଣ୍ଡଳୀର ସଦସ୍ୟ ଅଧ୍ୟାପିକା ସାଜିଆ ତମକୀନ୍ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପରିଡ଼ା ପ୍ରାରମ୍ଭିକ ସୂଚନା, ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ଓ ମନୋଜ କୁମାର କର ଶେଷ ସ୍ୱର୍ଶ ଦେଇଥିଲେ। ସାହିତ୍ୟିକ ରସାନନ୍ଦ ମହାପାତ୍ର, ଅଧ୍ୟାପିକା ସ୍ମରଣିକା ପ୍ରଧାନ, ସଙ୍ଗୀତା ନାୟକ, ଆଦ୍ୟାରଶ୍ମି ମିଶ୍ର, ବାସ୍ତବିକା ଦାସ, କଲ୍ୟାଣୀ ଦାଶ, ପ୍ରାଧ୍ୟାପକ ଡ. ବନମାଳୀ ଦାଶ, ବିନାୟକ ସାହୁ, ଆଶୀର୍ବାଦ ମହାନ୍ତି, ଅଞ୍ଜନ କୁମାର ନାୟକ, ଡ. ଦେବାଶିଷ ମଲ୍ଲିକ, ଚିନ୍ମୟ ଜେନା, ନାରାୟଣ ଚନ୍ଦ୍ର ଧଳ, ଅତିଥି ଅଧ୍ୟାପିକା ଅର୍ପିତା ସେଠୀ, ରଶ୍ମିରେଖା ଦାସ, ଧରିତ୍ରୀ ସାହୁ, ମହାମାୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟ ନିର୍ଦ୍ଦେଶକୁ ଅଣଦେଖା

■ଧାନଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ନେଇ ତେଜୁଛି ଅସନ୍ତୋଷ
■ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଚେତାବନୀ

ଭଦ୍ରକ ଅଫିସ,୨୫।୨

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ବିଟିପୁର ପଞ୍ଚାୟତ ଧାନଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ମିଶ୍ରଣକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢୁଛି। ଏନେଇ ୨୦୨୦ରେ ହାଇକୋର୍ଟରେ ମାମଲା ରୁଜୁ ପରେ ଶେଷ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଉକ୍ତ ବିଦ୍ୟାଳୟରେ ପିଲାମାନଙ୍କୁ ଶିକ୍ଷାଦାନ କରିବା ପାଇଁ ନିର୍ଦ୍ଦେଶ ଆସିଥିଲା। କୋର୍ଟଙ୍କ ନିର୍ଦ୍ଦେଶକୁ ଦୁଇମାସ ବିତିଯାଇଥିବା ବେଳେ ବିଭାଗ ପକ୍ଷରୁ ଶିକ୍ଷାଦାନ ପାଇଁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। କୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଉଥିବା ଅଭିଯୋଗ ଆଣି ଅଭିଭାବକ ଓ ଗ୍ରାମବାସୀ ଆସନ୍ତା ମାର୍ଚ୍ଚ ୯ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ନିକଟରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ପ୍ରକାଶ ଯେ, ଏହି ବିଦ୍ୟାଳୟରେ ୨୯ ଛାତ୍ରୀଛାତ୍ର ଅଧ୍ୟୟନରତ ଥିବାବେଳେ ନିକଟସ୍ଥ ନୂଆପୋଖରୀ ପ୍ରାଥମିକ ବିଦ୍ୟାଳୟରେ ମାତ୍ର ୧୨ ଛାତ୍ରୀଛାତ୍ର ଥିଲେ। ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟକୁ କମ୍ ବିଦ୍ୟାର୍ଥୀ ଥିବା ସ୍କୁଲରେ ମିଶ୍ରଣ କରାଯାଇଥିଲା। ୨ ଶିକ୍ଷକଙ୍କୁ ମଧ ନୂଆପୋଖରୀ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ଦୁଇବର୍ଷ ଧରି ଲାଗି ରହିଥିବା ସମସ୍ୟାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଗତ ସେପ୍ଟେମ୍ବର ୨୧ରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ୨ ଦିନ ଧାରଣା ଦେବା ପରେ ବ୍ଲକ ଶିକ୍ଷାଧିକାରିଣୀ ମଞ୍ଜୁବାଳା ନାୟକ ଉକ୍ତ ବିଦ୍ୟାଳୟକୁ ଆସି ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ୧୫ ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ ଧାର୍ଯ୍ୟ ତାରିଖ ଅନୁଯାୟୀ ଆସନ୍ତା ମାର୍ଚ୍ଚ ୨୧ରେ ପରୀକ୍ଷା ହେବ। ଏହି ବିଦ୍ୟାଳୟର ଛାତ୍ରୀଛାତ୍ର ନୂଆପୋଖରୀ ସ୍କୁଲକୁ ଯାଉ ନ ଥିବାରୁ ପରୀକ୍ଷାରୁ ବଞ୍ଚିତ ହେବା ଆଶଙ୍କା ନେଇ ଅଭିଭାବକମାନେ ଏହାର ସମାଧାନ ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ପୃଥକ୍ ଦୁର୍ଘଟଣାରେ ୩ ଗୁରୁତର

ହେଲ୍‌ପର ଚଲାଉଥିଲେ ବସ୍

ବାରିପଦା ଅଫିସ, ୨୫।୨

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ୧୮ନଂ. ଜାତୀୟ ରାଜପଥର ପାଲବଣୀଠାରେ ଶନିବାର ପୃଥକ୍ ଦୁର୍ଘଟଣାରେ ୩ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସକାଳୁ ‘ମଧୁସ୍ମିତା’ ନାମକ ଯାତ୍ରୀବାହୀ ବସ୍ ବାରିପଦାରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବସ୍‌ଟି ଭୁଲ୍ ପାର୍ଶ୍ୱ ଦେଇ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍‌କୁ ପିଟିଥିଲା। ଫଳରେ ଟ୍ରକ୍ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଡ୍ରାଇଭର ଗୁରୁତର ହୋଇଛନ୍ତି। ଟ୍ରକ୍ ଡ୍ରାଇଭର ଜଣକ ହେଲେ ଉତ୍ତରପ୍ରଦେଶର ସୁଜିତ ମୋହରିଆ। ବସ୍ ଚାଳକ ଫେରାର ହୋଇଯାଇଛନ୍ତି। ବସ୍‌ଟିକୁ ଡ୍ରାଇଭର ବଦଳରେ ହେଲ୍‌ପର ଚଲାଉଥିଲେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତେବେ ଦୁର୍ଘଟଣା ପରେ କିଛି ସମୟ ପର୍ଯ୍ୟନ୍ତ ରାସ୍ତାରେ ଚଳପ୍ରଚଳ ବନ୍ଦ ହୋଇଯାଇଥିଲା। ଏହି ଦୁର୍ଘଟଣାର କିଛି ସମୟ ପରେ ଉକ୍ତ ରାସ୍ତାରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଅଟୋ ଡ୍ରାଇଭର ଓ ଜଣେ ମହିଳା ଯାତ୍ରୀ ଗୁରୁତର ହୋଇଛନ୍ତି।



ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା।

# ମୁହଁରେ କଳାକନା ବାନ୍ଧି ଧାରଣା

ବାଲେଶ୍ୱର ଅଫିସ, ୨୫।୨

ବାଲେଶ୍ୱର ଜିଲାବାସୀଙ୍କୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଦାବିରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଜିଲାରେ ଖାଲିପଡ଼ିଥିବା ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଦାବିରେ ଫକୀରମୋହନ ମେଡିକାଲ୍ କଲେଜ୍ ହସପିଟାଲ୍ ପରିସରରେ ଶତାଧିକ ଲୋକେ ଶନିବାର ଜିଲା କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ମୁହଁରେ କଳାକନା ବାନ୍ଧି ନିରବ ପ୍ରତିବାଦ କରିଛନ୍ତି। ମଞ୍ଜୁରୀପ୍ରାପ୍ତ ଆୟୁଷ ହସ୍‌ପିଟାଲର ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ନର୍ସିଂ ଓ ଫାର୍ମାସିଷ୍ଟ କଲେଜ୍ ପ୍ରତିଷ୍ଠା କରିବା, ମେଡିକାଲ କଲେଜ୍‌ରେ ଡାକ୍ତରୀ ଶିକ୍ଷା ପାଇଁ ୧୫୦ ସିଟ୍ ବୃଦ୍ଧି କରିବା, ମେଡିକାଲ୍ କଲେଜରେ ମଞ୍ଜୁରୀପ୍ରାପ୍ତ ୭୯ଜଣ ପ୍ରଫେସର ଓ ସହକାରୀ ପ୍ରଫେସର, ଅଧ୍ୟାପକ ନିଯୁକ୍ତି, ଏମ୍‌ସ ସାଟେଲାଇଟ୍ ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଆୟୁର୍ବେଦିକ ମେଡିକାଲ୍ କଲେଜ ଓ ଔଷଧୀୟ ଉଦ୍ୟାନ ପ୍ରତିଷ୍ଠା କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଜିଲା ପରିଷଦ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ




ମୁହଁରେ କଳାକନା ବାନ୍ଧି ଧାରଣା ଦିଆଯାଇଛି।

ଡା. ଦୁଲାଲସେନ୍ ଜଗଦ୍ଦେବ ଓ ସହକାରୀ ମୁଖ୍ୟ ଚିକିତ୍ସାଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଦାବିଗୁଡ଼ିକ ଉପରେ ରାଜ୍ୟ ସରକାରଙ୍କୁ ଅବଗତ କରାଇ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ସରକାରୀ ପ୍ରତିନିଧିମାନେ ପ୍ରକାଶ କରିଥିଲେ। ଆସନ୍ତା ଏପ୍ରିଲ୍ ମାସ ସୁଦ୍ଧା ଖାଲିପଡ଼ିଥିବା ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ସ୍ୱାସ୍ଥ୍ୟବିଭାଗ ଉଦ୍ୟମ କରୁଛି ବୋଲି ଡା. ଜଗଦ୍ଦେବ ପ୍ରକାଶ କରିଥିଲେ। ଜିଲା କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ବହୁ ସାମାଜିକ ଓ ଗଣସଙ୍ଗଠନର ପ୍ରତିନିଧି ଏହି ଦାବିକୁ ସମର୍ଥନ କରି ଧାରଣାରେ ସାମିଲ ହୋଇଥିଲେ। କ୍ରିୟାନୁଷ୍ଠାନ କମିଟି ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ସମେତ ପ୍ରଭାକର ସାହୁ, ନିରଞ୍ଜନ ରାଉତ, ପ୍ରଫେସର ଅନନ୍ତ ପ୍ରଧାନ, ମମତା ମହାପାତ୍ର, ଇଂ. ବନମାଳୀ ନାୟକ, ଇଂ. ହୃଷିକେଶ ସାହୁ, ସୀତାରାମ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ଥିଲେ।

### ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଦାବିରେ ଅଭିନବ ପ୍ରତିବାଦ

**ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ମାନାର୍ଥେ କ୍ରିକେଟ ପ୍ରତିଯୋଗିତା**

ଚମ୍ପୁଆ,(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଟିମିଲା ମିନି ଷ୍ଟାଡିୟମଠାରେ ଆଞ୍ଚଳିକ ସାଧନ କେନ୍ଦ୍ର ଟିମିଲା ଓ ଜାମୁଦଲକର ଶିକ୍ଷକମାନଙ୍କ ମଧ୍ୟରେ ଏକ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଭୟ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନରେ ଥିବା ୨୪ ବିଦ୍ୟାଳୟର ଶିକ୍ଷକମାନେ ପ୍ରତିଯୋଗିତାରେ ଭାଗନେଇଥିଲେ। ଟିମିଲା ଆଞ୍ଚଳିକ ସାଧନ କେନ୍ଦ୍ର ଦଳ ଶିକ୍ଷକ ହେମନ୍ତ ମହାନ୍ତଙ୍କ ନେତୃତ୍ୱରେ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯୫ ରନ୍ କରିଥିଲା। ବିଜୟ ଲକ୍ଷ୍ୟ ପିଛା କରି ଜାମୁଦକ ଆଞ୍ଚଳିକ ସାଧନ କେନ୍ଦ୍ର ଦଳ ୯୦ ରନ କରିବାକୁ ସକ୍ଷମ ହୋଇଥିଲେ।

## ସଂକ୍ଷେପରେ

### ଭାଜପାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ

ବାଲେଶ୍ୱର ଅଫିସ, ୨୫।୨-ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ସାର୍ଥା ପଞ୍ଚାୟତରେ ଏକ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପଞ୍ଚାୟତ ସଭାପତି ଅରବିନ୍ଦ ଜେନା ପରିଚାଳନା କରିଥିଲେ। ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ ଦତ୍ତ ଯୋଗଦେଇ ରାଜ୍ୟ ସରକାର ବିଭିନ୍ନ ଯୋଜନା ନାମରେ ଲୋକଙ୍କୁ ଭୁଆଁ ବୁଲାଉଥିବା ବେଳେ ପ୍ରକୃତ ହିତାଧିକାରୀ ଏଥିରେ ଉପକୃତ ହୋଇପାରୁନାହାନ୍ତି। କେନ୍ଦ୍ର ସରକାର ରାଜ୍ୟକୁ ଆବଶ୍ୟକଠାରୁ ଅଧିକ ଆବାସ ଯୋଜନାରେ ଘର ଯୋଗାଇ ଦେଇଥିଲେ। ସଦ୍ୟ ପ୍ରକାଶିତ ତାଲିକାରେ ଅଯୋଗ୍ୟ ହିତାଧିକାରୀଙ୍କ ନାମ ସାମିଲ୍ ହୋଇଥିବା ବେଳେ ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ରାଜ୍ୟ ସରକାରଙ୍କ ଅବ୍ୟବସ୍ଥା କାରଣରୁ ଧାନ ସଂଗ୍ରହ ପ୍ରକ୍ରିୟା ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଏବଂ ମୌଳିକ ସମସ୍ୟା ନେଇ ଆଲୋଚନା କରିଥିଲେ। ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ମଣ୍ଡଳ ସଭାପତି ବିଜୟ ଦାସ, ପଞ୍ଚାୟତ ସଂଯୋଜକ ଭୂଦେବ ସାହୁ, ଶକ୍ତିକେନ୍ଦ୍ର ସହ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୨୦୨୪ ନିର୍ବାଚନ ପାଇଁ ରଣହୁଙ୍କାର ଦେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

### କୃଷକ ସାଥୀଙ୍କ ପରଲୋକ

ଜଳେଶ୍ୱର, ୨୫।୨(ଡି.ଏନ.ଏ.)-ଜଳେଶ୍ୱର ବ୍ଲକ ବାଇଗଣବାଡିଆ ପଞ୍ଚାୟତର ଛୋଟଖାନପୁର ଗାଁର କୃଷକ ସାଥୀ ସୁଶାନ୍ତ ପ୍ରଧାନ (୪୮)ଙ୍କର ଶନିବାର ପରଲୋକ ହୋଇଯାଇଛି। ସେ ବହୁମୂତ୍ର ରୋଗରେ ଦୀର୍ଘବର୍ଷ ହେବ ପୀଡ଼ିତ ଥିବା ବେଳେ ହଠାତ୍ କିଡନୀ ରୋଗରେ ପୀଡିତ ହୋଇଥିଲେ। ସେ ୨୦୦୮ରୁ କୃଷକସାଥୀ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ତାଙ୍କ ଅବର୍ତ୍ତମାନରେ ସ୍ତ୍ରୀ, ପୁଅ ଓ ଝିଅ ଅସହାୟ ହୋଇପଡିଛନ୍ତି। ପରିବାରରୁ ଜଣଙ୍କୁ ନିଯୁକ୍ତି ଦେବା ସହିତ ସରକାରୀ ସହାୟତା ଲାଗି ସଂଘ ସଭାପତି ଗୋକୁଳାନନ୍ଦ ପ୍ରଧାନ ଦାବି ଜଣାଇଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ଜଳେଶ୍ୱର ଗୋଷ୍ଠୀ କୃଷି ଅଧିକାରୀ ସଞ୍ଜୟ ରାଉତ, ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି, ରାଜକିଶୋର ଦାସ ଓ ଶ୍ରୀକାନ୍ତ କିସ୍କୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ସ୍କୁଲ୍‌ରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ

ପାଟଣା,୨୫।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମାଧପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଟଣା ଅଗ୍ନିଶମ ବିଭାଗ ପକ୍ଷରୁ ଶନିବାର ମକଡ୍ରିଲ ସହ ଫାୟାର ସେଫ୍ଟି ମେଜର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏ ଗ୍ୟାସ ସିଲିଣ୍ଡର, ଚୁଲି ଓ ଜଙ୍ଗଲ ନିଆଁ ଲିଭାଇବା ବେଳେ ନିଜକୁ କିଭଳି ସୁରକ୍ଷିତ ରଖିହେବ ସେନେଇ କୌଶଳ ପ୍ରଦର୍ଶନ କରାଯାଇଥିଲା। ସିଆରସିସି ଜ୍ୟୋର୍ତିମୟ ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ ବେହେରା, ଶିକ୍ଷକ ଯଶବନ୍ତ ମହାନ୍ତ, ଶିକ୍ଷୟିତ୍ରୀ ହିମାଦ୍ରୀ ସେଠୀଙ୍କ ସହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗର ଷ୍ଟେସନ ପରିଚାଳକ ମନୋରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ମୁଖ୍ୟ ଅଗ୍ନିକ ପ୍ରକାଶ ବଳ, ଚାନ୍ଦରାୟ ସୋରେନ, ଜତୀନ୍ଦ୍ର ଭୋଇ ପ୍ରମୁଖ କୌଶଳ ପ୍ରଦାନ କରିଥିଲେ।

# ୨୩୨୧୬ ଛାତ୍ରୀଛାତ୍ର ଦେବେ ମାଟ୍ରିକ୍ ପରୀକ୍ଷା

**କେନ୍ଦୁଝର ଜିଲା**

କେନ୍ଦୁଝର,୨୫।୨(ସ୍ୱ.ପ୍ର)

କେନ୍ଦୁଝର ଜିଲାର ୨୩୨୧୬ ଜଣ ଛାତ୍ରୀଛାତ୍ର ଆଗାମୀ ମାର୍ଚ୍ଚ ୧୦ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବେ। ଏଥିରେ ୧୩୮ଟି ପରୀକ୍ଷାକେନ୍ଦ୍ରରେ ୪୭୧ଟି ବିଦ୍ୟାଳୟର ୨୩୦୩୭ଜଣ ରେଗୁଲାର, ୬୧ଜଣ ପତ୍ରବିନିମୟ, ରାଜ୍ୟ ମୁକ୍ତ ବିଦ୍ୟାଳୟ(ଏସ୍‌ଓଏସ୍‌ସି) ୧୧୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଚଳିତବର୍ଷ ୧୧ଟି ନୋଡାଲ ପରୀକ୍ଷାକେନ୍ଦ୍ର କରାଯାଇଛି। ପରୀକ୍ଷା ସୁପରିଚାଳନା କରିବା ପାଇଁ ୩୯ ଟି ଡେସପାଚ୍ ଟିମ୍ ଗଠନ ହୋଇଛି। ନୋଡାଲ ସେଣ୍ଟରଗୁଡ଼ିକ ମଧ୍ୟରେ ଆନନ୍ଦପୁର ଓ ଘସିପୁରା ବ୍ଲକ୍ ପାଇଁ ବିଏନ୍ ଉଚ୍ଚ ବିଦ୍ୟାଳୟ ଆନନ୍ଦପୁର, ହାଟଡ଼ିହୀ ପାଇଁ ହାଟଡ଼ିହୀ ଉଚ୍ଚ ବିଦ୍ୟାଳୟ, ଚମ୍ପୁଆ ବ୍ଲକ୍ ପାଇଁ ମହତାବ ଉଚ୍ଚ ବିଦ୍ୟାଳୟ, ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ, ଯୋଡ଼ା ପାଇଁ ବନେଇକଳା ଉଚ୍ଚ ବିଦ୍ୟାଳୟ, ଘଟଗାଁ ପାଇଁ ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ହରିଚନ୍ଦନପୁର ପାଇଁ ହରିଚନ୍ଦନପୁର ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ସଦର ଓ ବାଂଶପାଳ ବ୍ଲକ୍ ପାଇଁ ଧନୁର୍ଜୟନାରାୟଣ ଉଚ୍ଚ ବିଦ୍ୟାଳୟ, ପାଟଣା ପାଇଁ ଜିଏନ୍ ଉଚ୍ଚ ବିଦ୍ୟାଳୟ ସ୍ୱାମପାଟଣା, ସାହାରପଡ଼ା ପାଇଁ ସାହାରପଡା ହାଇସ୍କୁଲ ଏବଂ ତେଲକୋଇ ପାଇଁ ତେଲକୋଇ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଏହାବ୍ୟତୀତ ମଧ୍ୟମା ପରୀକ୍ଷା ପାଇଁ ଆନନ୍ଦପୁର ବିଏନ୍ ହାଇସ୍କୁଲ, ହାଟଡ଼ିହୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ର କରାଯାଇଛି। ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସ୍‌ଓଏସ୍‌ସି) ପରୀକ୍ଷା କେନ୍ଦ୍ର ପାଇଁ ଯୋଡା ବ୍ଲକ୍‌ର ବନେଇକଳା ହାଇସ୍କୁଲ, କେନ୍ଦୁଝର ଡିଏନ୍ ହାଇସ୍କୁଲ ପରୀକ୍ଷା କେନ୍ଦ୍ର କରାଯାଇଥିବା ସୂଚନା ମିଳିଛି। ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

## 'ଫଳାରୁ ଶିଖିବା ଶବଦ କେତେ' ଉନ୍ମୋଚିତ



ପୁସ୍ତକ ଉନ୍ମୋଚନ କରାଯାଉଛି।

ଭଣ୍ଡାରିପୋଖରୀ, ୨୫।୨(ସ୍ୱ.ପ୍ର.)

ଛାତ୍ରାବସ୍ଥାରେ ଭଲ ବହିର ପ୍ରଭାବରେ ଅନେକ ମହାପୁରୁଷଙ୍କ ଜୀବନ ଆଲୋକିତ ହୋଇଥିବାର ଉଦାହରଣ ରହିଛି। ଏଣୁ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କୁ ମୋବାଇଲ ଫୋନର କୁପ୍ରଭାବରୁ ରକ୍ଷା କରିବା ପାଇଁ ସେମାନଙ୍କୁ ଆକୃଷ୍ଟ କରିବା ଭଳି ଭଲ ବହି ଲେଖାଯିବା ଆବଶ୍ୟକ। ଜଗନ୍ନାଥ ପଣ୍ଡାଙ୍କ ରଚିତ ଓ ସରସ୍ୱତୀ ପ୍ରକାଶନ ଦ୍ୱାରା ପ୍ରକାଶିତ ଶିଶୁ କବିତା ସଂକଳନ 'ଫଳାରୁ ଶିଖିବା ଶବଦ କେତେ' ଓଡ଼ିଆ ଭାଷାର ଛାତ୍ରୀଛାତ୍ରଙ୍କୁ ଜ୍ଞାନ ଆହରଣରେ ସହାୟକ ହେବ ବୋଲି ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶନିବାର ଅପରାହ୍ନରେ ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିରରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ପଣ୍ଡାଙ୍କ ଏହି ପୁସ୍ତକ ଉନ୍ମୋଚନ ଉତ୍ସବ ପ୍ରଧାନ ଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ କୁମାର ରାଉତ। ଅତିଥିମାନଙ୍କ ସହ ବିଦ୍ୟାଳୟର ୫ଜଣ ପ୍ରତିଭାବାନ ଛାତ୍ରୀଛାତ୍ର ପୁସ୍ତକ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭଣ୍ଡାରିପୋଖରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ, ସମ୍ମାନିତ ଅତିଥି ଓ ବକ୍ତା ଭାବେ 'ଅଞ୍ଜଳି'ର ସମ୍ପାଦକ ପ୍ରକାଶ ମହାପାତ୍ର, କବି ନଟବର ରାଉଳ, ଜଗନ୍ନାଥ ସାମଲ, ଅଧ୍ୟାପକ ଅନାଦି ସାହୁ ଯୋଗ ଦେଇଥିଲେ। ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ସମ୍ପାଦକ ପବନ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ।

## ଶ୍ରେଷ୍ଠ ଭିଜିଲାନ୍ସ ପବ୍ଲିକ ପ୍ରସିକ୍ୟୁଟରଙ୍କୁ ସମ୍ବର୍ଦ୍ଧନା




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଆଇନଜୀବୀ।

ବାଲେଶ୍ୱର ଅଫିସ, ୨୫।୨

ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ ଓଡ଼ିଶା ଷ୍ଟେଟ ମାଇନରିଟି ଆଡ଼ଭୋକେଟ ଆସୋସିଏଶନ (ଓସମା) ବାଲେଶ୍ୱର ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଆଇନଜୀବୀ କମାଲ ଜାଫରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ହରେକୃଷ୍ଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନସେବା ପ୍ରଦାନରେ ପାରଙ୍ଗମତା ବୃଦ୍ଧି ସହିତ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ଗଠିତ ଓଡ଼ିଶା ରାଜ୍ୟ ସଂଖ୍ୟାଲଘୁ ଆଇନଜୀବୀ ସଂଘର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ, ଶେଖ ଉମରୁଦ୍ଦିନ, ବାଲେଶ୍ୱର ବାର୍ ଆସୋସିଏଶନର ପୂର୍ବତନ ସଭାପତି ତ୍ରିଦିପ୍ ନାୟକ, ବାର୍ ଆସୋସିଏଶନ ଉପସଭାପତି ନୃସିଂହ ଚରଣ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଇନ ସେବା ପ୍ରତି ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରିବାରେ ଓଡିଶା ରାଜ୍ୟ ସଂଖ୍ୟାଲଘୁ ଆଇନଜୀବୀ ସଂଘ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଭିଜିଲାନ୍ସ ପବ୍ଲିକ ପ୍ରସିକ୍ୟୁଟର ଭାବେ ଓଡ଼ିଶା ସରକାରଙ୍କ ଦ୍ୱାରା ପୁରସ୍କୃତ ଶେଖ ହାଜିରୁଦ୍ଦିନଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସଂଘ ପକ୍ଷରୁ ଆଇନଜୀବୀ ଭାବେ ବାଲେଶ୍ୱରର ବିଭିନ୍ନ ଅଦାଲତରେ ବୃତ୍ତି ଆରମ୍ଭ କରିଥିବା କୁଲସୁମ ନେସା, ବୁମରା ରୌଫ, ସାହିନ ଅଖତର, ସକିଲା ବାନୋ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଂଘ କାର୍ଯ୍ୟକାରୀ ସଭାପତି ଶେଖ ଇସତାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଶେଖ ଇସଲାମ ସଙ୍ଗଠନର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଆଇନଜୀବୀ ସାହିରୁଲ ହକ ଧନ୍ୟବାଦ ଦେଇଥିଲେ।

## ପ୍ରସାଦ ବଣ୍ଟନ ବେଳେ ଗଣ୍ଡଗୋଳ

**ଜଣେ ମୃତ, ୧୦ ଆହତ**

ଖଇରା/ସିମୁଲିଆ, ୨୫।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ପ୍ରସିଦ୍ଧ ବକ୍ରେଶ୍ୱର ପୀଠରେ ଶନିବାର ଅପରାହ୍ନରେ ଯଜ୍ଞ ଆୟୋଜନ ପରିପ୍ରେକ୍ଷୀରେ ପ୍ରସାଦ ବଣ୍ଟନ ବେଳେ ପ୍ରସାଦ ବାଣ୍ଟୁଥିବା ବ୍ୟକ୍ତି ଓ ଧାଡିରେ ଥିବା କେତେଜଣ ବ୍ୟକ୍ତିଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ଠେଲାପେଲା ହୋଇଥିଲା। ଏଥଯୋଗୁ ଖାଦ୍ୟ ବଣ୍ଟନସ୍ଥଳ ନିକଟରେ ପ୍ରସାଦସେବନ କରୁଥିବା ସିମୁଳିଆ ଥାନା ବାଉରିପଦା ଗ୍ରାମର ସାବିତ୍ରୀ ଜେନା(୬୮)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏଥିସହ ୧୦ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ବରିହା ଗ୍ରାମର ଗୌତମ ମହାପାତ୍ର(୨୫), ଟିପସଗଡିଆ ଗ୍ରାମର ମୁକ୍ତିକାନ୍ତ ଜେନା, ତରାଙ୍ଗ ଗ୍ରାମର ଦେବାଶିଷ ଜେନାଙ୍କୁ ଚିକିତ୍ସା ପାଇଁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୃତ୍ୟୁର ଠିକ୍ କାରଣ ଜଣା ପଡି ନ ଥିବା ବେଳେ ଗଣ୍ଡଗୋଳରେ ଭୟଭୀତ ହୋଇ ହୃଦ୍‌ଘାତରେ ପ୍ରାଣ ହରାଇଥିବା ନେଇ ମନ୍ଦିର କମିଟି ଓ ଖଇରା ପୋଲିସ କହିଛି। ମନ୍ଦିରରେ ଯଜ୍ଞର ପୂର୍ଣ୍ଣାହୁତି ଚାଲିଥିବା ବେଳେ ମନ୍ଦିର ବାହାର ପଡିଆରେ ପ୍ରସାଦବଣ୍ଟନ କରାଯାଉଥିଲା। କୌଣସି କାରଣକୁ ନେଇ ପ୍ରସାଦ ବାଣ୍ଟୁଥିବା ଟିପସଗଡିଆ ଗ୍ରାମର ଜଣେ ସ୍ୱେଚ୍ଛାସେବୀ ଓ ଧାଡିରେ ଭୋଜନ ଅପେକ୍ଷାରେ ଥିବା ବାଉରୀପଦା ଗ୍ରାମର ଜଣେ ଯୁବକଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ଏହାକୁ ଉଭୟଙ୍କ ସମର୍ଥକ ଠେଲାପେଲାରେ ସାମିଲ ହେବା ପରେ ଏଭଳି ଅଭାବନୀୟ କାଣ୍ଡ ଘଟିଥିଲା। ଖଇରା ପୋଲିସ ପହଞ୍ଚି ଜଣଙ୍କୁ ଅଟକ ରଖିବା ସହ ପରିସ୍ଥିତିକୁ ନିଜ ନିୟନ୍ତ୍ରଣରେ ରଖିଛି।

## ହନୁମାନ ମନ୍ଦିର ବାର୍ଷିକୋତ୍ସବ



ଧୂଷୁରୀ, ୨୫।୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ତୁରୁମୁଡିଆ ଗ୍ରାମରେ ଥିବା ହନୁମାନ ମନ୍ଦିରର ୧୦ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ କପାଳୀ ନଦୀରୁ ୧୦୮ ଘଟୋତ୍ତଳନ କରାଯାଇ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ପୂଜାବିଧି ଆରମ୍ଭ ହୋଇଥିଲା। ଆଚାର୍ଯ୍ୟ ପଣ୍ଡିତ କିଶୋର ଚନ୍ଦ୍ର ପାଢ଼ୀ, କର୍ତ୍ତା ଦେବରାଜ ଖଟୁଆ, ପ୍ରତିଷ୍ଠାତା ପାର୍ଥସାରଥୀ ଖଟୁଆ, କମିଟି ସଭାପତି କାହ୍ନୁଚରଣ ରାଉତ, ସମ୍ପାଦକ ଶଙ୍କର୍ଷଣ ଖଟୁଆ, ଦାଶରଥୀ ରାଉତ, ପ୍ରକାଶ ଚନ୍ଦ୍ର ଖଟୁଆ, କୁଞ୍ଜ ବିହାରୀ ନାୟକ ପ୍ରମୁଖଙ୍କ ସହଯୋଗରେ ୧୦ ବର୍ଷ ହେଲା ଏହି ଉତ୍ସବ ପାଳିତ ହୋଇଆସୁଛି। ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଐଶନ୍ୟଚଣ୍ଡୀ, ଲୋକନାଟ୍ୟ ଓ ତଳଗୋପବିନ୍ଧା ନାଟ୍ୟସଂସଦ ପକ୍ଷରୁ ନାଟ୍ୟ କଳା ପ୍ରଦର୍ଶନ କରାଯାଇଥିଲା।

## ବସ୍ତାରେ ଚଉଦ ମାଦଳ ମହୋତ୍ସବ



କଳସ ଯାତ୍ରାରେ ସାମିଲ ମହିଳା ଶ୍ରଦ୍ଧାଳୁ।

ବସ୍ତା, ୨୫।୨(ଡି.ଏନ.ଏ.)

ବସ୍ତା ବ୍ଲକ ଅନ୍ତର୍ଗତ ସଦାନନ୍ଦପୁର ପଞ୍ଚାୟତର ଈଶ୍ୱରବର୍ତ୍ତୀ ମନ୍ଦିର ନିକଟସ୍ଥ ପଡ଼ିଆରେ ସାର୍ବଜନୀନ ଚଉଦ ମାଦଳ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ୨୦୦୮ରୁ ପ୍ରତ୍ୟେକ ବର୍ଷ ଧରି ଏହି ଉତ୍ସବ ହୋଇଆସୁଥିବା ବେଳେ ଶୁକ୍ରବାର ଅବସରପ୍ରାପ୍ତ ଶିକ୍ଷକ କୁମୁଦ ରଞ୍ଜନ ଗିରି ଓ ତାଙ୍କ ସହଧର୍ମିଣୀ ଝରଣା ଗିରି ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ଘଟ ଉତ୍ତୋଳନ ପାଇଁ ୧୦୮ କଳସ ଯାତ୍ରାରେ ସ୍ଥାନୀୟ ଅଞ୍ଚଳର ମହିଳା ଶ୍ରଦ୍ଧାଳୁମାନେ ଯୋଗଦାନ କରିଥିଲେ। ସ୍ଥାନୀୟ ଜଳକା ନଦୀରୁ ଗୌରବ ସାହୁ ଓ ବିଜୟ ବେହେରାଙ୍କ ସମେତ ୧୦୮ ଜଣ ମହିଳା ଘଟ ଉତ୍ତୋଳନ କରିସାରିବା ପରେ ଏହି ଘଟ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବସ୍ତା ବଜାର ପରିକ୍ରମା କରି ମହୋତ୍ସବ ମଣ୍ଡପରେ ପହଞ୍ଚି ଥିଲା। ୪ ଦିନ ବ୍ୟାପି ହରିନାମ ସଂକୀର୍ତ୍ତନ ସହ ଉତ୍ସବ ଚାଲି ସୋମବାର ଉଦ୍‌ଯାପିତ ହେବ ବୋଲି କମିଟିର ସଭାପତି ଶଙ୍କର କୁମାର କର ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବ ଓ କଳସ ଯାତ୍ରା କମିଟିର ସଦସ୍ୟ କେଶବ ବେହେରା, ରତ୍ନାକର ସାହୁ, ବାସୁଦେବ ବେହେରା, ରବିନ୍ଦ୍ର କୁମାର ଦାସ, ନାରାୟଣ ମହାନ୍ତି, ସନ୍ଦୀପ ବେହେରା ଓ ସିପ୍ରା ଲତା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ସମୟ ପାଖେଉଛି, ଉଷ୍ମତା ବଢୁଛି

**ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ**

କେନ୍ଦୁଝର,୨୫।୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ନିର୍ବାଚନକୁ ନେଇ ଗତ ୨୦୨୨ ଅଗଷ୍ଟ ମାସରୁ ଯେଉଁ ଚାଲିଥିବା ଟଣାଓଟରା ଅନ୍ତ ହେବାକୁ ଯାଉଛି। ଫେବୃଆରୀ ୨୮ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ଉପଦେଷ୍ଟାଙ୍କ ସହ ପ୍ରଶାସନକୁ ଦିଆଯିବ ବୋଲି ଟ୍ରକ୍ ମାଲିକ ସଂଘର ସମ୍ପାଦକ ସୂର୍ଯ୍ୟନାରାୟଣ କର ଏକ ପତ୍ର ମାଧ୍ୟମରେ ଜଣାଇଥିଲେ। ତେବେ ଡେଡ୍ ଲାଇନକୁ ଆଉ ମାତ୍ର ୩ ଦିନ ବାକି ଥିବାବେଳେ ଏବେ ନିର୍ବାଚନ ହେବାକୁ ନେଇ ଆଶଙ୍କା ପରେ ଉଷ୍ମତା ବଢୁଛି। ଆଗାମୀ ନିର୍ବାଚନ ସମ୍ପର୍କରେ ଟ୍ରକ୍ ମାଲିକ ସଂଘର ବର୍ତ୍ତମାନର ସଭାପତି ରମାକାନ୍ତ ନାଏକ କହିଛନ୍ତି, ସମ୍ପାଦକଙ୍କ ସହ କଥା ହୋଇ ୨୮ ତାରିଖ ମଧ୍ୟରେ ସେମାନେ ସଂଘର ଚୂଡ଼ାନ୍ତ ଭୋଟର ତାଲିକା ଉପଦେଷ୍ଟା ମଣ୍ଡଳୀ ସହ ପ୍ରଶାସନକୁ ନିର୍ବାଚନ କରିବା ନିମନ୍ତେ ପ୍ରଦାନ କରାଯିବ। ଏ ସମ୍ପର୍କରେ ବରିଷ୍ଠ ଉପଦେଷ୍ଟା କୈଳାସ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ଚୂଡ଼ାନ୍ତ ଭୋଟର ତାଲିକା ପାଇବା କ୍ଷଣି ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ପ୍ରକାଶଯୋଗ୍ୟ, ଗତ ଜାନୁୟାରୀ ୧୮ ତାରିଖରେ ଅତିରିକ୍ତ ଜିଲାପାଳ ଉପଦେଷ୍ଟା ମଣ୍ଡଳୀଙ୍କୁ ନିର୍ବାଚନ କରିବାକୁ ନେଇ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଜଣାଇବାକୁ ଏକ ପତ୍ର ଲେଖିଥିଲେ। ନିର୍ବାଚନ ରଣାଙ୍ଗନରେ ଯେଉଁ ପ୍ରାର୍ଥୀମାନେ ଅବତୀର୍ଣ୍ଣ ହେବେ ସେମାନେ ପ୍ରଚାରରେ ଲାଗି ପଡ଼ିଥିବା ଲକ୍ଷ୍ୟ କରାଯାଉଛି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ

ସୋର, ୨୫।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ସତ୍‌ସଙ୍ଗ ବିହାରଠାରେ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୫ତମ ଜନ୍ମ ମହୋତ୍ସବ ଓ ପୂଜ୍ୟପାଦ ଶ୍ରୀ ଦାଦାଙ୍କର ଦ୍ୱିବଂଶତମ ଶୁଭ ପଦାର୍ପଣ ସ୍ମୃତିଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁଭ୍ରାତା ଓ ମା'ମାନଙ୍କ ଦ୍ୱାରା ନଗର ପରିକ୍ରମା କରାଯିବା ପରେ ସୋର ଡାକ୍ତରଖାନରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସଭାରେ ରତିକ୍ ଶ୍ରୀଧରସୁନ୍ଦର ମିଶ୍ରଙ୍କ ପୌରୋହିତ୍ୟ କରି ଅନୁକୂଳଚନ୍ଦ୍ରଙ୍କର ଦିବ୍ୟଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଇଞ୍ଜିନିୟର ଉମାକାନ୍ତ ସାହୁ ପ୍ରାରମ୍ଭିକ ସୂଚନାରେ ଠାକୁରଙ୍କ ଭାବାଦର୍ଶ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୋର ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା ମଲିକ, ମୁଖ୍ୟବକ୍ତା ଗୋପବନ୍ଧୁ ନାୟକ ଯୋଗଦେଇ ଠାକୁରଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।



ରତ୍ୱିକ୍ ଶ୍ରୀଧରସୁନ୍ଦର ମିଶ୍ର ସଭାରେ ଉଦ୍‌ବୋଧନ ଦେଉଛନ୍ତି।

କେନ୍ଦ୍ର ସମ୍ପାଦକ ଡା. ଶଶାଙ୍କ ଶେଖର ଆଚାର୍ଯ୍ୟ ଗୁରୁ ଗ୍ରହଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ନିରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶାନ୍ତିଲତା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀ କରାଯାଇ 'ନାରୀ ସ୍ୱର୍ଗ ପାଇଁ ସେତୁ' ସମ୍ପର୍କରେ ମହିଳାମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ଇଞ୍ଜିନିୟର ପ୍ରଭାକର ଦାସ, ଭାସ୍କର ବାରିକ, ସୁରେନ୍ଦ୍ର ପଟ୍ଟନାୟକ, କୈଳାଶ ପଣ୍ଡା, ହରିହର ସାହୁ, ଗୁରୁପ୍ରସନ୍ନ ପଣ୍ଡା ଯୋଗ ଦେଇ ଠାକୁରଙ୍କ ସମ୍ପର୍କରେ ଗୁଣଗାନ କରୁଥିଲେ।

## ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନାଚକ୍ର

ରୂପସା, ୨୫।୨(ଡି.ଏନ.ଏ.)– ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ନୀଳମଣି ମହାବିଦ୍ୟାଳୟର ଶିକ୍ଷାବିଭାଗ ଆନୁକୂଲ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ ଓ ଏହାର ସମସ୍ୟା, ସୁବିଧା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ତପନ ବେହେରାଙ୍କ ଅଧ୍ୟକ୍ଷତା କରି ଶିକ୍ଷାର ବିକାଶ ପାଇଁ ଶିକ୍ଷାନୀତି –୨୦୨୦ ର ସମୟୋପଯୋଗୀ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ସୁଧୀର ମୁଦୁଲି ଶିକ୍ଷାନୀତିରେ ବିଦ୍ୟାଳୟ ଶିକ୍ଷା ପାଇଁ ସୁପାରିଶ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ବିଜୟ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପିକା ଇତିଶ୍ରୀ ମହନ୍ତ ଜାତୀୟ ଶିକ୍ଷାନୀତି ଓ ପୂର୍ବ ଶିକ୍ଷାନୀତିର ତୁଳନାତ୍ମକ ଆଲୋଚନା କରିଥିଲେ। ଛାତ୍ରୀ ଦେବସ୍ମିତା ବେହେରା, ଜୟସ୍ମିତା ପ୍ରଧାନ, ହିମାନୀ ବେହେରା, ପିପାଲିଶା ବେହେରା, ଅନିତା ସାହୁ ଓ ଛାତ୍ର ନୀତେଶ ରଣା ପ୍ରମୁଖ ନିବନ୍ଧ ପାଠ କରିଥିଲେ।

## ବ୍ଲକ୍ ପରିସରରେ ପାନୀୟ ଜଳ ବ୍ୟବସ୍ଥା ଅଚଳ

**ବଢୁଛି ତାପମାତ୍ରା, ଲୋକେ ହନ୍ତସନ୍ତ**

ଯୋଡ଼ା,୨୫।୨(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ପରିସରରେ ଥିବା ପାନୀୟ ଜଳ ବ୍ୟବସ୍ଥା ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ଫଳରେ ବିଭିନ୍ନ କାର୍ଯ୍ୟ ନେଇ ଦୂରଦୂରାନ୍ତରୁ ବ୍ଲକ୍‌କୁ ଆସୁଥିବା ଜନସାଧାରଣ ପିଇବା ପାଣି ଟୋପାଏ ନ ପାଇ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଫେବୃୟାରୀ ଶେଷ ହୋଇ ନ ଥିବା ବେଳେ ତାପମାତ୍ର ବୃଦ୍ଧି ଯୋଗୁ ଗଷ୍ଟ ବଢ଼ାଇଦେଉଛି। ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ହୋଇଥିବା ବ୍ୟବସ୍ଥା ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘଦିନ ଧରି ଅକାମୀ ହୋଇପଡ଼ିଛି। ଶୁକ୍ରବାର ସୋୟାବାଲି ଅଞ୍ଚଳରୁ ଆସିଥିବା ଗୌରୀ ନାଏକ ନାମ୍ନୀ ମହିଳା




ପାଣି ପାଇଁ ବୋତଲ ଧରି ମହିଳା ଠିଆ ହୋଇଛନ୍ତି।

ଖାଲି ବୋତଲ ଧରି ପାଣି ଟୋପାଏ ପାଇଁ ଡହଳବିକଳ ହୋଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ଥଣ୍ଡା କ୍ଷମତା ସମ୍ପନ୍ନ ପିଇବା ପାଣି ବ୍ୟବସ୍ଥା ଥିଲେ ମଧ୍ୟ ଯାନ୍ତ୍ରିକ ତ୍ରୁଟି ଯୋଗୁ ପାନୀୟ ଜଳ ମେସିନ ଅକାମୀ ହୋଇଯାଇଛି। ଏଭଳି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିଲେ ହେଁ ସ୍ଥାନୀୟ ବ୍ଲକ୍ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ଆଗକୁ ଖରା ଦିନ ଆସୁଥିବାରୁ ପାନୀୟ ଜଳ ସଙ୍କଟ ଏକ ଚିନ୍ତାରକାରଣ ପାଲଟିଛି। ଏ ସମ୍ବନ୍ଧରେ ଯୋଡ଼ା ଏବିଡିଓ ସଞ୍ଜୀବ ଏକ୍କା କହିଛନ୍ତି, ଘଟଣାଟି ଆମ ଜ୍ଞାତସାରରେ ଅଛି। ଖୁବ୍‌ଶୀଘ୍ର ଏହାର ମରାମତି କରାଯାଇ ପାନୀୟ ଉପଯୋଗୀ କରାଯିବ।

